# NATIONAL NEWS BULLETIN (ODIA)

## 26 November - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ସାରା ଦେଶରେ ଆଜି ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ କରାଯାଉଛି ସମ୍ବିଧାନ ଦିବସ ।

- କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଟଳ ଇନୋଭେସନ୍ ମିଶନ୍ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ ।

- ଭବିଷ୍ୟତ ସମବାୟ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଭାରତର ବଡ଼ ଭୂମିକା ରହିଛି, କହିଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଜିଠାରୁ ଆରମ୍ଭ ହେଉଛି ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ।

# କନ୍‌ଷ୍ଟିଚ୍ୟୁସନ୍ ଡେ

ସାରା ଦେଶରେ ଆଜି ସମ୍ବିଧାନ ଦିବସ ପାଳନ କରାଯାଉଛି । ଭାରତୀୟ ସମ୍ବିଧାନ ଗ୍ରହଣର ୭୫ ବର୍ଷ ଉପଲକ୍ଷେ ଆଜିଠାରୁ ଏକ ବର୍ଷ ବ୍ୟାପି ଉତ୍ସବ ପାଳନ କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ୨୦୨୫ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଏହି ଉତ୍ସବ ଚାଲିବ । ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନ ସଭା, ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ଏହା ୧୯୫୦ ଜାନୁଆରୀ ୨୬ରେ କାର୍ଯ୍ୟକାରୀ ହୋଇଥିଲା ।

ସମ୍ବିଧାନ ଦିବସ ଅବସରରେ ଦିଲ୍ଲୀର ସମ୍ବିଧାନ ସଦନରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହର ସଦସ୍ୟମାନଙ୍କୁ ସମ୍ବୋଧନ କରିବେ । ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀଗଣ, ସାଂସଦ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବେ ।

ସମ୍ବିଧାନ ଗ୍ରହଣର ୭୫ତମ ବାର୍ଷିକୀ ଅବସରରେ ଏକ ସ୍ମାରକୀ ଡାକ ଟିକଟ ଓ ମୁଦ୍ରା ଉନ୍ମୋଚନ ହେବ । ମେକିଙ୍ଗ୍ ଅଫ୍ ଦ କନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଣ୍ଡିଆ – 'ଏ ଗ୍ଲିମ୍ପସ୍ ଏବଂ ମେକିଙ୍ଗ୍ ଅଫ୍ ଦ କନ୍‌ଷ୍ଟିଚ୍ୟୁସନ୍ ଅଫ୍

ଇଣ୍ଡିଆ ଆଣ୍ଡ ଇଟସ୍ ଗ୍ଲୋରିୟସ୍ ଜର୍ଣ୍ଣି' ଶୀର୍ଷକ ଦୁଇଟି ପୁସ୍ତକ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ସଂସ୍କୃତ ଏବଂ ମୈଥିଳି ଭାଷାରେ ସମ୍ବିଧାନ ପ୍ରକାଶିତ ହେବା ସହ ଭାରତୀୟ ସମ୍ବିଧାନର ସ୍ୱତନ୍ତ୍ରତା ପ୍ରତି ସମର୍ପିତ ଏକ ପୁସ୍ତିକା ମଧ୍ୟ ଉନ୍ମୋଚନ ହେବ ।

କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ୨୦୧୫ ନଭେମ୍ବର ୧୯ରେ ସମ୍ବିଧାନ ଦିବସ ପାଳନ ବିଷୟ ଘୋଷଣା କରିଥିଲା । ଏହି ଅବସରରେ 'ହମାରା ସମ୍ବିଧାନ – ହମାରା ସ୍ୱାଭିମାନ' ଅଧୀନରେ ଉତ୍ସବ ଅନୁଷ୍ଠିତ ହେଉଛି । ସମ୍ବିଧାନ ନିର୍ମାତାଙ୍କ ଅବଦାନକୁ ସମ୍ମାନ ଜଣାଇବା ସହ ଏଥିରେ ଥିବା ମୂଲ୍ୟବୋଧକୁ ନାଗରିକମାନଙ୍କ ନିକଟରେ ପହଞ୍ଚାଇବା ଏହି ଦିବସର ଉଦ୍ଦେଶ୍ୟ । ଆଜି ସମ୍ବିଧାନ ଦିବସ ଅବସରରେ ଭାରତର ସମସ୍ତ ଜନସାଧାରଣ ଏବଂ ପ୍ରତ୍ୟେକ ସ୍ଥାନରେ ଏକ ପ୍ରସ୍ତାବନା ପଠନ କରାଯିବ । ସମ୍ବିଧାନର ଅମୂଲ୍ୟ ପରମ୍ପରା ସହ ସମସ୍ତଙ୍କୁ ଜଡ଼ିତ କରାଇବା ଉଦ୍ଦେଶ୍ୟରେ କନ୍‌ଷ୍ଟିଚ୍ୟୁସନ୍ ସେଭେଣ୍ଟି ଫାଇଭ୍ ଡଟ୍ କମ୍ ୱେବ୍‌ସାଇଟ୍ ଆରମ୍ଭ କରାଯାଇଛି । ନାଗରିକମାନେ ୱେବ୍‌ସାଇଟ୍‌ରେ ପ୍ରସ୍ତାବନା ପଠନର ଭିଡ଼ିଓ ଅପ୍‌ଲୋଡ଼ କରି ପ୍ରମାଣପତ୍ର ପାଇପାରିବେ । ସରକାର ଏହି ଐତିହାସିକ ଅବସରରେ ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ନାଗରିକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

## ପିଏମ୍-କନ୍‌ଷ୍ଟିଚ୍ୟୁସନ୍ ଡେ

ସମ୍ବିଧାନ ଦିବସ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସନ୍ଧ୍ୟାରେ ସୁପ୍ରିମ୍‌କୋର୍ଟରେ ଆୟୋଜିତ ହେବାକୁ ଥିବା ସମାରୋହରେ ଯୋଗଦେବେ । ସୁପ୍ରିମ୍‌କୋର୍ଟ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୨୦୨୩-୨୪ ଭାରତୀୟ ନ୍ୟାୟପାଳିକାର ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବେ । ସମାରୋହରେ କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ପ୍ରଧାନ ବିଚାରପତି ଜଷ୍ଟିସ୍ ସଂଜୀବ ଖାନ୍ନା ଏବଂ ସର୍ବୋଚ୍ଚ ନ୍ୟାୟାଳୟର ଅନ୍ୟ ବିଚାରପତିମାନେ ଉପସ୍ଥିତ ରହିବେ ।

## କ୍ୟାବିନେଟ୍-ଏମ୍.୨.୦

କେନ୍ଦ୍ର କ୍ୟାବିନେଟ୍ ଅଟଳ ଇନୋଭେସନ୍ ମିଶନ୍ ଜାରି ରଖିବା ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଫଳରେ ୨୦୨୮ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଏହି ମିଶନ୍ ବଳବତ୍ତର ରହିବ ଏବଂ ଏଥିଲାଗି ଆବଣ୍ଟିତ ୨ହଜାର ୭୫୦ କୋଟି ଟଙ୍କାର ବଜେଟ୍ ଅର୍ଥ ଖର୍ଚ୍ଚ କରାଯିବ । ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଏ.ଆଇ.ଏମ୍. ଟୁ ପଏଣ୍ଟ ଜିରୋ ହେଉଛି ଏଭଳି ଏକ ପଦକ୍ଷେପ ଯାହା ଦେଶରେ ଉଦ୍ୟୋଗ ପରିବେଶକୁ

ବିସ୍ତାର ଏବଂ ସୁଦୃଢ଼ କରିବ । ଅଟଳ ଇନୋଭେସନ୍ ମିଶନ୍ ଜାରି ରହିବା ଫଳରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି, ଅଭିନବ ଉତ୍ପାଦ ଏବଂ ସେବା ସୃଷ୍ଟି କରିବା ଦିଗରେ ସହଯୋଗ ମିଳିପାରିବ ।

ଗତକାଲି କେନ୍ଦ୍ର କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏ.ଆଇ.ଏମ୍. ଟୁ ପଏଣ୍ଟ ଜିରୋ ଭାରତରେ ଉଦ୍ଭାବନ ଏବଂ ଉଦ୍ୟୋଗ ପରିବେଶକୁ ସୁଦୃଢ଼ କରିବା ଦିଗରେ ସହାୟକ ହେବ । ସେ କହିଛନ୍ତି, ଏହି ଯୋଜନାରେ ଜାମ୍ମୁ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ଏବଂ ଆକାଂକ୍ଷି ଜିଲ୍ଲା ଗୁଡ଼ିକରେ ୨ହଜାର ୫୦୦ ନୂଆ ଲ୍ୟାବ୍ ସ୍ଥାପନ କରାଯିବ ।

# କ୍ୟାବିନେଟ୍-ରେଲୱେଜ୍

ରେଳ ମନ୍ତ୍ରଣାଳୟର ୭ ହଜାର ୯୨୭ କୋଟି ଟଙ୍କା ସମ୍ବଳିତ ୩ଟି ପ୍ରକଳ୍ପକୁ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଅନୁମୋଦନ କରିଛି । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ୧୬୦ କିଲୋମିଟର ଦୀର୍ଘ ମନ୍‌ମାଡ଼-ଜଲ୍‌ଗାଓଁର ଚତୁର୍ଥ ଲାଇନ୍, ୧୩୧ କିଲୋମିଟର ଦୀର୍ଘ ଭୂସାୱାଲ୍-ଖଣ୍ଡୱାର ତୃତୀୟ ଏବଂ ଚତୁର୍ଥ ଲାଇନ୍ ଏବଂ ୮୪ କିଲୋମିଟର ଦୀର୍ଘ ପ୍ରୟାଗରାଜ-ମାଣିକପୁର ତୃତୀୟ ଲାଇନ୍ କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହି

ପ୍ରକଳ୍ପ ଗୁଡ଼ିକ ଦ୍ୱାରା ପ୍ରସ୍ତାବିତ ମଲ୍ଟି ଟ୍ରାକିଂ ପ୍ରକଳ୍ପ ଗୁଡ଼ିକର ପରିଚାଳନା ସହଜ ହେବ ଏବଂ ଏହାଦ୍ୱାରା ଭିଡ଼ ହ୍ରାସ ପାଇବ । ଏ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ରେଳବାଇର ବ୍ୟସ୍ତ ବହୁଳ ବିଭାଗ ଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ହୋଇପାରିବ ।

ସେ କହିଛନ୍ତି, ୨ହଜାର ୭୭୩ କୋଟି ଟଙ୍କାର ମନ୍‌ମାଡ଼-ଜଲ୍‌ଗାଓଁ ପ୍ରକଳ୍ପ ମହାରାଷ୍ଟ୍ରର ବନ୍ଦରରୁ ଯାତ୍ରୀ ପରିବହନ ଏବଂ ମାଲ୍ ପରିବହନ କ୍ଷମତାରେ ବୃଦ୍ଧି କରିବ । ସେ କହିଛନ୍ତି, ୩ହଜାର ୫୧୪ କୋଟି ଟଙ୍କାର ଭୂସାୱାଲ୍-ଖଣ୍ଡୱା ପ୍ରକଳ୍ପ ଯାତ୍ରୀ କ୍ଷମତା ବୃଦ୍ଧି ଏବଂ ୧ହଜାର ୬୪୦ କୋଟି ଟଙ୍କାର ପ୍ରୟାଗରାଜ-ମାଣିକପୁର ପ୍ରକଳ୍ପ ଉତ୍ତର ପ୍ରଦେଶର ପୂର୍ବାଞ୍ଚଳକୁ ମଧ୍ୟପ୍ରଦେଶର ବାଘେଲଖଣ୍ଡ ସହ ସଂଯୋଗ ସ୍ଥାପନ କରିବ । ଏହା ଫଳରେ କୃଷିଯାତ ଦ୍ରବ୍ୟ, ସାର, କୋଇଲା, ଇସ୍ପାତ, ସିମେଣ୍ଟ ଆଦି ସାମଗ୍ରୀ ସହଜରେ ଏବଂ ଦ୍ରୁତ ଗତିରେ ପରିବହନ ହୋଇପାରିବ ।

କ୍ୟାବିନେଟ୍ କମିଟିର ଅନ୍ୟ ଏକ ଅନୁମୋଦନ ଅନୁଯାୟୀ ଅରୁଣାଚଳ ପ୍ରଦେଶର ସିୟୋମି ଜିଲ୍ଲାରେ ହିଓ ଜଳବିଦ୍ୟୁତ୍ ପ୍ରକଳ୍ପରେ ଏକ ହଜାର ୯୩୯ କୋଟି ଟଙ୍କା ବିନିଯୋଗ କରାଯିବ । ଆସନ୍ତା ୫୦ ମାସ ମଧ୍ୟରେ ଏହି ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଶ୍ରୀ ବୈଷ୍ଣବ କହିଛନ୍ତି, ୨୪୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପ ଦ୍ୱାରା

ହଜାରେ ନିୟୁତ ୟୁନିଟ୍ ଶକ୍ତି ଉତ୍ପାଦନ ହେବ । ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ୍ ଅରୁଣାଚଳ ପ୍ରଦେଶରେ ବିଦ୍ୟୁତ୍ ଯୋଗାଣ ସ୍ଥିତିରେ ଉନ୍ନତି ଆଣିବା ସହ ଜାତୀୟ ଗ୍ରୀଡ୍‌ରେ ଶକ୍ତି ସନ୍ତୁଳନ କ୍ଷେତ୍ରରେ ସହାୟକ ହେବ । ଉତ୍ତର ପୂର୍ବ ଇଲେକ୍ଟ୍ରିକ୍ ପାୱାର୍ କର୍ପୋରେସନ୍ ଲିମିଟେଡ୍ ଏବଂ ଅରୁଣାଚଳ ପ୍ରଦେଶ ସରକାରଙ୍କ ମିଳିତ ଉଦ୍ୟୋଗ କମ୍ପାନୀ ମାଧ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟକାରି ହେବ । ଶ୍ରୀ ବୈଷ୍ଣବ କହିଛନ୍ତି, ସିୟୋମି ଜିଲ୍ଲାରେ ଏକ ହଜାର ୭୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୮୬ ମେଗାୱାଟ୍ ବିଶିଷ୍ଟ ତାତୋ ୱାନ୍ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ଏହି ପ୍ରକଳ୍ପକରୁ ୮୦୨ ନିୟୁତ ୟୁନିଟ୍ ଶକ୍ତି ଉତ୍ପାଦନ ହେବ ।

## କ୍ୟାବିନେଟ୍-ପ୍ୟାନ୍ ୨.୦

ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଆୟକର ବିଭାଗର ପ୍ୟାନ୍ ଟୁ ପଏଣ୍ଟ ଜିରୋ ପ୍ରକଳ୍ପକୁ ଅନୁମୋଦନ କରିଛି । ଏହି ପ୍ରକଳ୍ପ ପାଇଁ ୧ ହଜାର ୪୩୫ କୋଟି ଟଙ୍କା ଖର୍ଚ୍ଚ ହେବ । ଏ ସଂପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ବ୍ୟବସ୍ଥା ଅଧୀନରେ ଏକ ସମନ୍ୱିତ ପୋର୍ଟାଲ୍ କାର୍ଯ୍ୟ କରିବା ସହ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଉନ୍ନତ କରାଯିବ । ପ୍ୟାନ୍ ଟୁ ପଏଣ୍ଟ ଜିରୋ ଅଧୀନରେ

ସାଇବର ସୁରକ୍ଷା ବ୍ୟବସ୍ଥାକୁ ପୂର୍ବ ଅପେକ୍ଷା ଦୃଢ଼ କରାଯିବ । ସେ କହିଛନ୍ତି, ବର୍ତ୍ତମାନ ଯେଉଁ ପରମାନେଣ୍ଟ ଆକାଉଣ୍ଟ ନମ୍ବର ରହିଛି ସେଥିରେ କୌଣସି ପରିବର୍ତ୍ତନ ହେବ ନାହିଁ ।

ପ୍ୟାନ୍ ଟୁ ପଏଣ୍ଟ ଜିରୋ ପ୍ରକଳ୍ପ ଟିକସଦାତା ପଞ୍ଜିକରଣ ସେବା ପ୍ରକ୍ରିୟାକୁ ପୁନଃ ଗଠନ ଲାଗି ଏକ ଇ-ଗଭର୍ଣ୍ଣାନ୍ସ ପ୍ରକଳ୍ପ । ଏହାଦ୍ୱାରା ବର୍ତ୍ତମାନର ପ୍ୟାନ୍ ୱାନ୍ ପଏଣ୍ଟ ଜିରୋ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇ ଅଧିକ ଉନ୍ନତ କରାଯିବ ।

## ସମବାୟ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସମବାୟ ହେଉଛି ଭାରତୀୟ ସଂସ୍କୃତିର ଭିତ୍ତିଭୂମି । ଭବିଷ୍ୟତ ସମବାୟ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଭାରତର ବଡ଼ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗତକାଲି ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ବିଶ୍ୱ ସମବାୟ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ସହଯୋଗ ମାଧ୍ୟମରେ ସମୃଦ୍ଧିର ମାର୍ଗକୁ ଅନୁସରଣ କରିଥାଏ । ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଶ୍ରୀ ମୋଦୀ ସ୍ମାରକ ଟିକଟ ଉନ୍ମୋଚନ କରିଥିଲେ । ଆନ୍ତର୍ଜାତିକ ସମବାୟ ମେଣ୍ଟର ୧୩୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଭାରତରେ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଭୁଟାନ୍‌ର ପ୍ରଧାନମନ୍ତ୍ରୀ ଦାସୋ ସେରିଂ ତୋବଗେ, ଫିଜିର

ଉପପ୍ରଧାନମନ୍ତ୍ରୀ ମନୋଆ କାମିକାମିକା ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ସମ୍ମିଳନୀରେ ଯୋଗଦେଇଛନ୍ତି ।

୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି "ସମସ୍ତଙ୍କ ସମୃଦ୍ଧିରେ ସମବାୟ" । ପ୍ରାୟ ୩ ହଜାର ବିଦେଶୀ ଓ ଭାରତୀୟ ପ୍ରତିନିଧି ଏଥିରେ ଯୋଗ ଦେଇଛନ୍ତି । ସମଗ୍ର ବିଶ୍ୱର ସମବାୟ ସମିତିଗୁଡ଼ିକ ମଧ୍ୟରେ ଏହି ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ନେଇ ମତ ବିନିମୟ ହେବ । ସମସ୍ତଙ୍କ ପାଇଁ ଏକ ସାମୂହିକ, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ଭବିଷ୍ୟତ ଗଠନରେ ସମବାୟର ଭୂମିକା ନେଇ ବିଭିନ୍ନ ଦିବସରେ ଆଲୋଚନା ହେବ ।

ସୂଚନାଯୋଗ୍ୟ, ୧୮୯୫ ମସିହାରେ ଅନ୍ତର୍ଜାତୀୟ ସମବାୟ ମେଣ୍ଟ ସ୍ଥାପନ କରାଯାଇଥିଲା । ଏଥିରେ ସମଗ୍ର ବିଶ୍ୱରୁ ପ୍ରାୟ ୧୦୦ କୋଟିରୁ ଅଧିକ ସମବାୟ ସଦସ୍ୟ ଅଛନ୍ତି ।

## ବିଧାନସଭା-ଓଡ଼ିଶା

ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ବିଧାନସଭା ଅଧିବେଶନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଗତକାଲି ବାଚସ୍ପତି ସୁରମା ପାଢ଼ିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଅଧିବେଶନର ସୁପରିଚାଳନା

ନେଇ ବାଚସ୍ପତି ସବୁ ଦଳର ସହଯୋଗ ଲୋଡ଼ିଥିଲେ । ଶୃଙ୍ଖଳିତ ଭାବେ ଗୃହ ପରିଚାଳନା ପାଇଁ ସବୁ ରାଜନୈତିକ ଦଳ ପ୍ରତିଶ୍ରୁତି ଦେଇଥିବା ବାଚସ୍ପତି କହିଛନ୍ତି ।

ଅନ୍ୟ ପକ୍ଷରେ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସର ବିଧାୟକ ଦଳ ବୈଠକ ମଧ୍ୟ ଗତକାଲି ଅନୁଷ୍ଠିତ ହୋଇଯାଇଛି ।